ଓଡିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

# <u>ନୋଟିସ</u>

ସଂଖ୍ୟା 1527 /୨୦୨୬ ତାରିଖ : 26 / 03 /୨୦୨୬

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୨୧ ର ଅଧିନିୟମ (୧) ଓ (୨) ଅନୁଯାୟୀ ଏହି ନୋଟିସ ଦ୍ୱାରା ସୂଚାଇ ଦିଆଯାଉଅଛି କି ଯେ, ତାରିଖ-୧୬/୦୩/୨୦୨୬ ର ଓଡିଶା ଗେଜେଟରେ ପ୍ରକାଶିତ ନମ୍ବର- ୧୧୫୫/୨୦୨୬, ତାରିଖ-୧୬/୦୩/୨୦୨୬ ର ଘୋଷଣାପତ୍ର କ୍ରମେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ (୧) ଅନୁସାରେ ସର୍ବସାଧାରଣଙ୍କ ସକାଶେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ **ଗ୍ରାମ: ରାଣିପୁଟ, ଥାନା : ଜୟପୁର-୪୨, ତହସିଲ : ଜୟପୁର, ଜିଲ୍ଲା : କୋରାପୁଟ** ରୁ ପ୍ରସ୍ତାବିତ ଏକର **୫.୮୫୬** ସେଣ୍ଟ ପରିମିତ ଯେଉଁ ଜମିର ବିବରଣୀ ନିମ୍ନ ତଫସିଲରେ ଦିଆଗଲା ଏବଂ ଯହିଁରେ ରେଳ ରେଖା ଚିହ୍ନ ଦିଆଯାଇ ମାପ କରାଯାଇଅଛି , ସେହି ଜମି ଭାରତ ସରକାରଙ୍କ ତରଫରୁ ଓଡିଶା ସରକାର ସର୍ବସାଧାରଣ ସକାଶେ ଉକ୍ତ ରେଳ ସଂଯୋଗି କରଣ ପ୍ରକଳ୍ପ ସକାଶେ ନେବା ହେବେ । ସେହି ଜମିରେ ଯେଉଁ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି, ସେମାନଙ୍କ ପ୍ରତି ଏତଦ୍ୱାରା ଏହି ଆଦେଶ ହେଉଅଛି ଯେ, ଏହି ନୋଟିସ ପ୍ରକାଶ ହେବାର ଏକ ମାସ ମଧ୍ୟରେ ଅର୍ଥାତ, ତାରିଖ 26/04/26,ଘ 5 PM ଣ୍ଟା ସମୟରେ **ଜୟପୁର ତହସିଲ କାର୍ଯ୍ୟାଳୟରେ** ସେମାନେ ସ୍ୱୟଂ କିମ୍ବା ନିଜ ନିଜର କ୍ଷମତାପ୍ରାପ୍ତ ପ୍ରତିନିଧି କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଆପଣା ଆପଣା ସ୍ୱାର୍ଥର ସମସ୍ତ ପ୍ରକୃତି ବିବରଣୀ ଓ ସେହି ସେହି ସ୍ୱାର୍ଥ ନିମିତ୍ତ ସେମାନେ ବା ଅନ୍ୟମାନେ ଯାହାର ଯେ କୌଣସି ନ୍ୟସ୍ତସ୍ୱାର୍ଥ ଆଏ, ତାହା ପ୍ରାଞ୍ଜଳ ଭାବେ ଦର୍ଶାଇ ସ୍ୱାକ୍ଷର କରି କ୍ଷତିପୂରଣର ପରିମାଣ ଓ ଯେତେ ଟଙ୍କା ଦାବୀ କରନ୍ତି ଓ ସେହି ଦାବିର ସବିଶେଷ ବିବରଣୀ ଏବଂ ଉକ୍ତ ଜମିର ଜମି ଅଧିଗ୍ରହଣ ଆଇନ (RFCTLAR & R Act, 2013) ଧାରା ୧୨ ଓ ୨୦ ଅନୁଯାୟୀ ହୋଇଥିବା ମାପ ସମ୍ବନ୍ଧରେ ସେମାନଙ୍କର କୌଣସି ଆପତ୍ତି ଥିଲେ, ତାହା ଓ ସେ ଜମି ଉପରେ ଗତ ତିନିବର୍ଷ ଯାଏ ଥିବା ବନ୍ଧକସତ୍ୱ, ସୁଧ ଇତ୍ୟାଦିର ପୁରା ବିବରଣୀ ଓ ଅନ୍ୟାନ୍ୟ ସତ୍ୱାଧିକାରୀଙ୍କ ନାମ, ଧାମ ଓ ପୁରା ଠିକଣା ଲିଖିତ ଭାବେ ଦାଖଲ କରି ଜଣାଇବେ ।

ପୁନଶ୍ଚ ଏହା ଅବଗତି କରାଯାଉଅଛି ଯେ **ମୌଜା : ରାଣିପୁଟ, ଥାନା : ଜୟପୁର-୪୨ ,ତହସିଲ : ଜୟପୁର , ଜିଲ୍ଲା : କୋରାପୁଟ** ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

## ତଫସିଲ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ

ତହସିଲ : **ଜୟପୁର**

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ରାଣିପୁଟ** | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜିଲ୍ଲାପାଳ , କୋରାପୁଟ

## ଭୂମି ଅନୁସୂଚି

**ମୌଜା-ରାଣିପୁଟ ଥାନା-ଜୟପୁର ତହସିଲ: ଜୟପୁର ଜିଲ୍ଲା: କୋରାପୁଟ**

**ଜୟପୁର -ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ**

| ଖାତା ନଂମ୍ବର | ସତ୍ୱ | ପ୍ଲଟ ନଂମ୍ବର | ମୋଟ ରକବା (ଏକର) | .ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ରୟତି | ୧୨ | ୧.୧୫୪ | ୧.୧୫୪ | ଧାନ-୧ | ଭାଗିରଥି ଚଉଧୁରି, ପି-ଇଶ୍ୱର ଚଉଧୁରି, ଶ୍ରୀନିବାରଣ ଚଉଧୁରି, ପି- ଭୁବନ ଚଉଧୁରି,ରାଧାମହନ ଚଉଧୁରି, ପି- ଇଶ୍ୱର ଚଉଧୁରି,ପ୍ରଙ୍କ ଚଉଧୁରିଆଣି, ସ୍ୱା-ଦଣ୍ଡାସି ଚଉଧୁରି |
| ୮୯/୫୯ | ରୟତି | ୧୨/୩୬୭ | ୦.୨୯୦ | ୦.୨୯୦ | ଧାନ-୧ | ପାଣ୍ଡି ଚୌଧରୀ ସ୍ୱା-ଦିବାକର ଚୌଧରୀ, ଜା-କୁଡୁମ, ବା-ଫାମ୍ପୁଣୀ |
| ୩୦ | ରୟତି | ୯ | ୧.୩୮୦ | ୦.୨୭୮ | ଧାନ-୧ | ଦଣ୍ଡିଆ ଚୌଧୁରି, ଦିନବନ୍ଧୁ ଚୌଧୁରି, ପି- ଦାସ ଚୌଧୁରି, ଜା-କୁଡୁମ, ବା-ଫାମ୍ପୁଣି |
| ୩୦ | ରୟତି | ୧୦ | ୧.୩୫୦ | ୦.୨୭୪ | ଧାନ-୧ | ଦଣ୍ଡିଆ ଚୌଧୁରି, ଦିନବନ୍ଧୁ ଚୌଧୁରି, ପି- ଦାସ ଚୌଧୁରି, ଜା-କୁଡୁମ, ବା-ଫାମ୍ପୁଣି |
| ୩୮ | ରୟତି | ୧୩ | ୦.୮୧୭ | ୦.୮୧୭ | ଧାନ-୧ | ଦୁର୍ଯ ରାଉଳ, ପି-କୁନ୍ଦ୍ରା ରାଉଳ, ଜା-କୁଡୁମ, ବା-ଫାମ୍ପୁଣି |
| ୮୯/୧୯ | ରୟତି | ୧୩/୩୨୮ | ୦.୨୭୦ | ୦.୨୭୦ | ଧାନ-୧ | ତେଜବତୀ ମଣ୍ଡଳ, ସ୍ୱା-ବଂଶୀଧର ମଣ୍ଡଳ, ଜା-କୁଡୁମ, ବା-ଫାମ୍ପୁଣୀ |
| ୫୧ | ରୟତି | ୧୪ | ୨.୯୩୦ | ୦.୦୯୨ | ଧାନ-୧ | ବିସିଆ ମଣ୍ଡଳ, ପି-ଯୋଗିଆ ମଣ୍ଡଳ, ଜା-କୁଡୁମ, ବା-ଫାମ୍ପୁଣି |
| ୮୯/୬୨ | ରୟତି | ୬ | ୧.୯୯୦ | ୦.୫୪୫ | ଧାନ-୧ | ତ୍ରିନାଥ ମଣ୍ଡଳ, ପି-ଭଗବାନ ମଣ୍ଡଳ, ଜା-କୁଡୁମ, ବା-ଫାମ୍ପୁଣି |
| ୮୯/୩୭ | ରୟତି | ୭/୧ | ୦.୯୮୦ | ୦.୫୬୨ | ଧାନ-୧ | ସୁବାଶିନୀ ମହାପାତ୍ର ସ୍ୱା-ହେମନ୍ତ କୁମାର ମହାପାତ୍ର ଜା-ବ୍ରାହ୍ମଣ ବା-ଜୟପୁର |
| ୮୯/୩୭ | ରୟତି | ୭/୨ | ୧.୦୮୦ | ୦.୫୬୨ | ଧାନ-୧ | ସୁବାଶିନୀ ମହାପାତ୍ର ସ୍ୱା-ହେମନ୍ତ କୁମାର ମହାପାତ୍ର ଜା-ବ୍ରାହ୍ମଣ ବା-ଜୟପୁର |
| ୮୯/୭୫ | ରୟତି | ୮ | ୩.୦୦୦ | ୦.୨୬୧ | ଧାନ-୧ | ନିଳାଦ୍ରି ମଣ୍ଡଳ, ପି-ବୃନ୍ଦାବନ ମଣ୍ଡଳ, ଜା-କୁଡୁମ, ବା-ଫାମ୍ପୁଣି |
| ୮୯/୧୮୧ | ରୟତି | ୮/୪୮୩ | ୧.୦୦୦ | ୦.୫୬୦ | ଧାନ-୧ | ଉଦୟନାଥ ପ୍ରଧାନ, ପ୍ରଭାକର ପ୍ରଧାନ, ପି-ସହଦେବ ପ୍ରଧାନ, ଜା-କୁଡୁମ, ବା-ଫାମ୍ପୁଣୀ |
| ୯୫ | ରୟତି | ୧୧ | ୦.୯୯୦ | ୦.୧୮୧ | ଧାନ-୧ | ହରି ବାରିକ, ପି-ତ୍ରିଲୋଚନ ବାରିକ, ଜା-କୁଡୁମ, ବା-ଫାମ୍ପୁଣି |
| | | ମୋଟ | | ୫.୮୪୬ | | |

ପରିପତ୍ର ସଂଖ୍ୟା 1528/୨୦୨୬ ତାରିଖ 26/3/26

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଯୁଗ୍ମ ଶାସନ ସଚିବ, ରାଜସ୍ୱ ବିଭାଗ, ଓଡିଶା, ଭୁବନେଶ୍ୱର ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ

ପରିପତ୍ର ସଂଖ୍ୟା 1529/୨୦୨୬ ତାରିଖ 26/3/26

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଅତିରିକ୍ତ ଶାସନ ସଚିବ, ରାଜସ୍ୱ କମିଶନର୍, ଦକ୍ଷିଣାଞ୍ଚଳ ବ୍ରହ୍ମପୁର ନୁଷ୍ଠାନଓଡିଶାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟା ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ

ପରିପତ୍ର ସଂଖ୍ୟା 1530/୨୦୨୬ ତାରିଖ 26/3/26

ଏହାର ଏକକିତା ନକଲ ଉପ ମୁଖ୍ୟ ଯନ୍ତ୍ରୀ , (ନିର୍ମାଣ)ପୂର୍ବତଟ ରେଳପଥ ର ମୁଖ୍ୟ କୋରାପୁଟ , ପ୍ରଶାସନିକ ଅଧିକାରୀ ,(ନିର୍ମାଣ)ପୂର୍ବତଟ ରେଳପଥଭୁବନେଶ୍ୱର ,ଙ୍କ ଅବଗତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ

ପରିପତ୍ର ସଂଖ୍ୟା 1531/୨୦୨୬ ତାରିଖ 26/3/26

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ସଂପୃକ୍ତ ଗ୍ରାମପଞ୍ଚାୟତ ର ସରପଞ୍ଚ ଙ୍କ ଅବଗତି ଏବଂ ପରବର୍ତ୍ତୀକାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ

ପରିପତ୍ର ସଂଖ୍ୟା 1532/୨୦୨୬ ତାରିଖ 26/3/26

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଉପ-ଜିଲ୍ଲାପାଳଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ

ପରିପତ୍ର ସଂଖ୍ୟା 1533/୨୦୨୬ ତାରିଖ 26/3/26

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଜିଲ୍ଲା ଇ-ଗୋଭରନେନ୍ସ ପରିଚାଳକ (DeGM),ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟଙ୍କ ଅବଗତି ଏବଂ ଜିଲ୍ଲା ୱେବସାଇଟ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରିବା ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ